# ଆଜି ଅନୁଗୋଳରୁ ୪ ଜଣ କରୋନା ପଜିଟିଭ ଚିହ୍ନଟ ।

## ପଜିଟିଭ ସଂଖ୍ୟା ପହଞ୍ଚିଲା ୧୫୮ ରେ ।

ଅନୁଗୋଳ,୧୬.୦୭ :- ଆଜି ଅନୁଗୋଳ ଜିଲ୍ଲାରୁ ବାହାରିଥିବା ୪ ଜଣ ପଜିଟିଭଙ୍କ ମଧ୍ୟରୁ ଛେଣ୍ଡିପଦା ବ୍ଲକ୍ ଅଂଚଳରୁ ସର୍ବାଧିକ ୩ ଜଣ ଓ ତାଲଚେର ବ୍ଲକ୍ ଅଂଚଳରୁ ଜଣେ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଛେଣ୍ଡିପଦା ବ୍ଲକ୍ ଅଂଚଳର ଜଣେ ୬୫ ବର୍ଷ ପୁରୁଷ, ଜଣେ ୪୫ ବର୍ଷ ମହିଳା ଓ ଜଣେ ୩ ବର୍ଷର ବାଳକ ଜଣେ କରୋନା ଆକ୍ରାନ୍ତଂକ ସମ୍ପର୍ଶରେ ଆସି ପଜିଟିଭ ହୋଇଥିବାର ଜଣାପଡିଛି । ସେହିପରି ତାଲଚେର ବ୍ଲକ୍ ଅଂଚଳର ଜଣେ ୨୪ ବର୍ଷିୟ୍ ପୁରୁଷ ଭୁବନେଶ୍ୱରର ଏକ ଘରୋଇ ହସପିଟାଲକୁ ଚିକିତ୍ସା ନିମନ୍ତେ ଯାଇଥିବାବେଳେ ସେଠାରେ ତାଂକର କରୋନା ସ୍ୱାବ ପରିକ୍ଷଣରୁ ପଜିଟିଭ ଜଣାପଡିଛି । ଏହି ୪ ଜଣଂକୁ ତାଲଚେର କୋଭିଡ ହସପିଟାଲକୁ ଚିକିତ୍ସା ନିମନ୍ତେ ସ୍ଥାନାନ୍ତର କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ପ୍ରକାଶ କରିଛନ୍ତି । ଜିଲ୍ଲାରେ ବର୍ତ୍ତମାନ କରୋନା ଆକ୍ରାନ୍ତଂକ ସଂଖ୍ୟା ୧୫୮ ରେ ପହଂଚିଛି ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୪୭୨ ତା.୧୬.୭.୨୦୨୦

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

୧୬/୭/୨୦

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ ।